## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ, ଜଣେ ଗିରଫ

ବଇଣ୍ଡା,୧୫।୧୦(ପରିକ୍ଷିତ ସାହୁ)

ହଣ୍ଡପା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ କଦଳୀମୁଣ୍ଡା ଗ୍ରାମର କେ. ସାହୁ ଜଣେ ଯୁବକଙ୍କୁ ରବିବାର ହଣ୍ଡପା ପୋଲିସ ଗିରଫ କରିଛି। ଏ ନେଇ ନମ୍ବର ୩୦୫/୨୩ ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ସମ୍ପୃକ୍ତା ନାବାଳିକାଙ୍କୁ ଉକ୍ତ ଯୁବକ ଏକୁଟିଆ ପାଇ ଅସଦାଚରଣ କରିଥିବା ହଣ୍ଡପା ଥାନାରେ ନାବାଳିକାଙ୍କ ମା' ଅଭିଯୋଗ କରିଥିଲେ।

### ଗାଳିଗୁଲଜ ଅଭିଯୋଗ

ଛେଣ୍ଡିପଦା,୧୫।୧୦(ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିକ୍ସାଞ୍ଚଳ ଥାନା ବଡକେରଜାଙ୍ଗ ଗ୍ରାମର ମିନୁ ମଲିକ (୨୨)ଙ୍କୁ ସେହି ଗ୍ରାମର ଜଗନ୍ନାଥ ଭୁତିଆ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏପରିକି ତାଙ୍କ ସ୍ୱାମୀ ଓ ଝିଅଙ୍କୁ ବାଡେଇ ମରିଦେବି ବୋଲି ଧମକ ଦେଇଥିବା ମିନୁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ. ୧୮୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଗାଳିଗୁଲଜ ନେଇ ଥାନାରେ ଅଭିଯୋଗ

ଛେଣ୍ଡିପଦା,୧୫।୧୦(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଜରପଡା ଥାନା କୋରଡା ଗ୍ରାମର ଲକ୍ଷ୍ମଣ ବେହେରା(୪୭)ଙ୍କୁ ତାଙ୍କ ପୁତୁରା ବିକାଶ ବେହେରା ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏପରିକି ତାଙ୍କ ସ୍ତ୍ରୀଙ୍କୁ ବିକାଶ ଅଶ୍ଲିଳ ଭାଷାରେ ଗାଳିଗୁଲଜ କରିଥିବା ଲକ୍ଷ୍ମଣ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ. ୩୨୧/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଆରଡ଼ିଛକରୁ ଯୁବକଙ୍କ ମୃତଦେହ ଜବତ

ଭଦ୍ରକ,୧୫।୧୦(ସନାତନ ରାଉତ)- ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଆରଡ଼ିଛକ ନିକଟରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ତିହିଡ଼ି ଗ୍ରାମର ଦୀପକ ଓଝା(୩୦)। ସୂଚନା ଅନୁଯାୟୀ, ସକାଳେ ରାସ୍ତାପାର୍ଶ୍ୱରେ ଦୀପକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ଜବତ କରିଥିଲା। ସେଠାରେ ଦୀପକଙ୍କ ବାଇକ୍ ଥିବା ବେଳେ ପାଟିରେ ସିଗାରେଟ୍ ଓ ହାତରେ ଦିଆସିଲି ଧରି ଧରିଥିବା ଦେଖିବାକୁ ମିଳିଥିଲା। ନିଶା ସେବନ ଯୋଗୁ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଚାନ୍ଦମଣି ବେଳାଭୂମିରୁ ମୃତଦେହ ଜବତ

ବାଲିଆପାଳ,୧୫।୧୦(ଗୋପାଳ ଚନ୍ଦ୍ର ସାହୁ)- ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଚାନ୍ଦମଣି ସମୁଦ୍ର ବେଳାଭୂମିରୁ ରବିବାର ପୋଲିସ ଏକ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ବାଲିଆପାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଚାନ୍ଦମଣି ଅଞ୍ଚଳର ମତ୍ସ୍ୟଜୀବୀମାନେ ରବିବାର ସକାଳେ ମାଛ ଧରିବାପାଇଁ ଯିବା ସମୟରେ ସମୁଦ୍ର କୂଳରେ ଏକ ମୃତଦେହକୁ ଦେଖି ବାଲିଆପାଳ ପୋଲିସକୁ ଖବର ଦେଇଥିଲେ। ଥାନା ଏଏସ୍ଆଇ ରାମଚନ୍ଦ୍ର ପୁର୍ହୁଲ୍ ଓ ଜ୍ୟୋତିରଞ୍ଜନ ମିଶ୍ର ପହଞ୍ଚି ମୃତଦେହ ଜବତ କରିଥିଲେ।

### ନଭେମ୍ବର ୧୯ରୁ ବିଶ୍ୱଶାନ୍ତି ମହାଯଜ୍ଞ

ନୀଳଗିରି,୧୫।୧୦(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ବ୍ଲକ ଓ ନଗର ବ୍ରାହ୍ମଣ ସମିତିର ପ୍ରତିନିଧିମାନଙ୍କୁ ନେଇ ବିଶ୍ୱଶାନ୍ତି ମହାଯଜ୍ଞ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୧୯ ଓ ୨୦ ତାରିଖ ୨ଦିନ ଧରି ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ମହାଯଜ୍ଞ ହେବ ବୋଲି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବ୍ରାହ୍ମଣ ସମାଜ ନଗର ସଭାପତି ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ବ୍ଲକ ସଭାପତି ବିଜୟ କୁମାର ତ୍ରିପାଠୀ, ସଂଯୋଜକ ପୁଣ୍ୟଶ୍ଲୋକ ନନ୍ଦ, ଉପସ୍ଥିତ ଥିଲେ।

# ବଇଣ୍ଡାରେ ପୁଣି ଭାଙ୍ଗିଲା ଡ୍ରେନ

- ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ
- ଲଗାଯାଉନି ଆବଶ୍ୟକ ପରିମାଣର ରଡ୍
- ଜିଲାପାଳଙ୍କଠାରେ ଅଭିଯୋଗ



ବଇଣ୍ଡା,୧୫।୧୦(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ନିର୍ମାଣ କରାଯାଉଥିବା ଡ୍ରେନ୍ ଗୁଡିକ ଅତି ନିମ୍ନମାନର ହେଉଥିବା ଯୋଗୁ ଏବେ ବିଭିନ୍ନ ସ୍ଥାନରେ ଭାଙ୍ଗିଯାଉଛି। ଫଳରେ ଉକ୍ତ ଡ୍ରେନ୍ ଗୁଡିକର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାମ କରୁଥିବା ଠିକାସଂସ୍ଥା ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଏହି କାମ ଗୁଡିକ ଅତି ନିମ୍ନମାନର ହେଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କୁ ଶନିବାର ଏକ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ବଇଣ୍ଡା ଅଞ୍ଚଳରେ ଚାଲୁଥିବାବେଳେ ଉଭୟ ପାର୍ଶ୍ୱରେ ୫୦ ପ୍ରତିଶତ ଡ୍ରେନ୍ କାମ ଶେଷ ହୋଇଛି। ହେଲେ ସେ ଗୁଡିକ ଅତି ନିମ୍ନମାନର ହେଉଥିବା ଯୋଗୁ ଏବେ ଗୋଟିଏ ପରେ ଗୋଟିଏ ସ୍ଥାନରୁ ଭାଙ୍ଗିବାକୁ ଲାଗିଛି। ଶୁକ୍ରବାର ପୁଣି ଅନୁଗୋଳ ସଂଯୁକ୍ତ ବ୍ୟାଙ୍କ ବଇଣ୍ଡା ଶାଖା ନିକଟ ଡ୍ରେନ ଭାଙ୍ଗିଯାଇଛି। ବିଶେଷ କରି ଆବଶ୍ୟକ ପରିମାଣର ରଡ୍ ଲଗାଯାଉ ନ ଥିବାରୁ ଡ୍ରେନ ଗୁଡିକ ଭାଙ୍ଗିବାକୁ ବସିଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କିଛିଦିନ ତଳେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ନିକଟରେ ନିର୍ମାଣ ହୋଇଥିବା ଡ୍ରେନର ଛାତ ଭୁଶୁଡି ପଡିଥିବାବେଳେ ଠିକାସଂସ୍ଥା ପକ୍ଷରୁ ମରାମତି କରା ନ ଯାଇ ବିପଦ ଫଳକ ମାରି ଦିଆଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଡ୍ରେନ୍ ଭାଙ୍ଗି ଯାଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ୪ ଲେନ ରାସ୍ତା କାମ ବଇଣ୍ଡା ଅଞ୍ଚଳରେ କରାଯାଉଛି। ବହୁ ବିଳମ୍ବରେ କାମ ଚାଲୁଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ କାର୍ଯ୍ୟ ସମାପ୍ତ ହୋଇନାହିଁ। ବିଶେଷ କରି ବଇଣ୍ଡା ଅଞ୍ଚଳରେ ନିର୍ମାଣ ହୋଇଥିବା ଡ୍ରେନ ଗୁଡିକରେ ଆବଶ୍ୟକ ପରିମାଣର ରଡ୍ ଲଗାଯାଉ ନାହିଁ। ବିଳମ୍ବିତ ରାତିରେ ଏହି କାମ ଗୁଡିକ କରାଯାଉଥିବାବେଳେ ଜାତୀୟ ରାଜପଥ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ରହୁ ନ ଥିବା ଯୋଗୁ ଠିକାସଂସ୍ଥା ଅତି ନିମ୍ନମାନର କାମ କରୁଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ପୂର୍ବରୁ ବଇଣ୍ଡା ଗ୍ରାମବାସୀ ବହୁବାର ଠିକାସଂସ୍ଥାଠାରୁ ଆରମ୍ଭ କରି ଜିଲା ପ୍ରଶାସନଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଠିକାସଂସ୍ଥାର ପରିଚାଳକ ଜିତେନ୍ଦ୍ର ବେହେରାଙ୍କୁ ପଚାରିବାରୁ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

## ଚାଷୀ ହତ୍ୟାକାଣ୍ଡ ମାମଲା: ୩ ଗିରଫ

ଅନୁଗୋଳ,୧୫।୧୦(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଓଲାବେରି ଗ୍ରାମର ଚାଷୀ ବିଶ୍ୱନାଥ ବର୍ଗିଆ(୫୦)ଙ୍କ ହତ୍ୟାକାଣ୍ଡ ମାମଲାରେ ଅନୁଗୋଳ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ପୁରୁଣାକୋଟ ଥାନା ଓଲାବେରି ଗାଁର ବିନୋଦ ଗୁରୁ, ପରଦେଶୀ ଗୁରୁ ଓ ଆଠମଲ୍ଲିକ ଥାନା ନୋଳେଶ୍ୱର ଗାଁର ସତ୍ୟ ଦେହୁରୀ। ଗୁଣିଗାରେଡି ସନ୍ଦେହ ପରେ ସୃଷ୍ଟି ହୋଇଥିବା ବିବାଦରୁ ଏହି ହତ୍ୟାକାଣ୍ଡ ହୋଇଥିବା ସୂଚନା ମିଳିଛି।

ପୋଲିସ କହିଛି, ବିଶ୍ୱନାଥ ଗତ ୮ ତାରିଖ ରାତିରେ ଘର ପାଖ ଚାଷ ଜମି ଜଗିବାକୁ ଯାଇ ଜମି ପାଖରେ ଥିବା ମଞ୍ଚାରେ ଶୋଇଥିଲେ। ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ତାଙ୍କ ଗଳା କାଟି ଦେଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ବିଶ୍ୱନାଥଙ୍କ ସ୍ତ୍ରୀ ପୁରୁଣାକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୯୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଥିଲା। ତଦନ୍ତ ସମୟରେ ଗାଁର ବିନୋଦ ଗୁରୁ ନିଜ ପରିବାର ସହ ଫେରାର୍ ହୋଇଯିବାରୁ ପୋଲିସର ସନ୍ଦେହ ବଢିଥିଲା। ପୋଲିସ ତଦନ୍ତ କରି ବିନୋଦଙ୍କୁ ଆଠମଲ୍ଲିକ ଥାନା ନୋଳେଶ୍ୱର ଗ୍ରାମର ସତ୍ୟ ଦେହୁରୀଙ୍କ ଘରୁ ଉଠାଇ ଆଣି ପଚରାଉଚରା କରିବା ପରେ ସେ ଏହି ହତ୍ୟାକାଣ୍ଡ ଘଟାଇଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏଥିରେ ତାଙ୍କ ସମ୍ପର୍କୀୟ ପରଦେଶୀ ଗୁରୁ ସହାୟତା କରିଥିବା ମଧ୍ୟ ପ୍ରକାଶ କରିଥିଲା। ମୃତ ବିଶ୍ୱନାଥ ପୂର୍ବରୁ ଗ୍ରାମ ଦେବତୀଙ୍କ ପୂଜକ ଥିବାବେଳେ ସେ ବିନୋଦଙ୍କ ଦ୍ୱିତୀୟ ସ୍ତ୍ରୀ ଟୁରି ଗୁରୁଙ୍କୁ ଗୁଣିଗାରେଡି କରିଥିବା ବିନୋଦ ସନ୍ଦେହ କରିଥିଲେ। ଏଥିପାଇଁ ଗତ ୨ ବର୍ଷ ହେଲା ଟୁରିଙ୍କ ଦେହ ଅସୁସ୍ଥ ରହିଥିବା ସେ ଭାବୁଥିଲେ। ସବୁଦିନ ପାଇଁ ବିଶ୍ୱନାଥଙ୍କୁ ରାସ୍ତାରୁ ହଟାଇବା ଲାଗି ବିନୋଦ ଯୋଜନା କରିଥିଲେ। ଏ ନେଇ ସେ ପରଦେଶୀ ଗୁରୁଙ୍କ ସହାୟତା ଲୋଡିଥିଲେ। ଉଭୟ ଗତ ୮ ତାରିଖ ରାତିରେ ଏକ ଧାରୁଆ ଛୁରିରେ ବିଶ୍ୱନାଥଙ୍କ ଗଳାକୁ କାଟି ଦେଇଥିଲେ। ପରେ ଏକ ବୁଦାରେ ଛୁରିକୁ ଲୁଚାଇ ନିକଟସ୍ଥ ନାଳରେ ଗାଧୋଇ ଘରକୁ ଫେରିଥିଲେ। ପୋଲିସ ଏହି ମାମଲାରେ ୨ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବିନୋଦଙ୍କୁ ଘରେ ଲୁଚାଇ ରଖିଥିବା ଅଭିଯୋଗରେ ସତ୍ୟ ଦେହୁରୀଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ସଚେତନ ହେଲେ ସାଇବର ଠକେଇ ରୋକିହେବ

ଅନୁଗୋଳ,୧୫।୧୦(ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ସାଇବର ସଚେତନତା କାର୍ଯ୍ୟକ୍ରମ ରବିବାର ଉଦଯାପିତ ହୋଇଯାଇଛି। ଏହି ଉଦ୍‌ଯାପନ ଉତ୍ସବ ଅନୁଗୋଳ ଟ୍ରକ ମାଲିକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ୧୪ ଦିନ ଧରି ସାଇବର ରଥ ଜିଲାର ବିଭିନ୍ନ ସ୍ଥାନରେ ବୁଲି ଲୋକଙ୍କୁ ସାଇବର ଠକେଇ ଉପରେ ସଚେତନତା କରିଥିଲା। ଜିଲାରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ଅଜଣା ନମ୍ବରରେ ଫୋନ ଆସିଲେ କୌଣସି ବ୍ୟକ୍ତିଗତ ତଥ୍ୟ ପ୍ରଦାନ ନ କରିବା ସହ ସାବଧାନତା ଉପାୟ ଅବଲମ୍ବନ କରିବାକୁ ଜିଲାବାସୀଙ୍କୁ ସାଇବର ରଥ ବାର୍ତ୍ତା ଦେଇଥିଲା।



ସାଇବର ସଚେତନତା ରଥ ଉଦଯାପନୀ ଉତ୍ସବରେ ଅତିଥିମାନେ ସାଇବର ଏକ୍ସପର୍ଟ ଅଶ୍ୱିନୀକାନ୍ତ ସାହୁଙ୍କୁ ସମ୍ମାନିତ କରୁଛନ୍ତି।

ଯୁବଗୋଷ୍ଠୀ ସଚେତନ ହେଲେ ସାଇବର ଠକେଇ ରୋକାଯାଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସାଇବର ଥାନାର ଅଧିକାରୀ ବିଭୂତି ପ୍ରଧାନ, ଏଏସଆଇ ଦିଲ୍ଲୀପ କୁମାର ମୁଣ୍ଡ, ଆଇଟି ଏକ୍ସପର୍ଟ ଅଶ୍ୱିନୀକାନ୍ତ ସାହୁ, ମାସକଟ କନଷ୍ଟେବଳ ଆଶୀର୍ବାଦ ବିଶ୍ୱାଳଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଳ, ଅତିରିକ୍ତ ଜିଲାପାଳ(ସାଧାରଣ) ପ୍ରତାପ ପ୍ରିତିମୟୀ, ଅତିରିକ୍ତ ଏସପି ବିକ୍ରମ କେଶରୀ ଭୋଇ, ସୁରେନ୍ଦ୍ର ନାଥ ରାଇଗୁରୁ, ବ୍ୟାଙ୍କ ଅଫ ବରୋଦାର ମୁଖ୍ୟ ପରିଚାଳକ ସୁଜିତ କୁମାର ପ୍ରମୁଖ ସହ ବିଭିନ୍ନ ପଦାଧିକାରୀ ଓ ଥାନା ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ବଇଣ୍ଡା,୧୫।୧୦(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ସାପଘରା ଖେଳ ପଡିଆଠାରେ ନନ୍ଦିଆଁ ମହାସଂଘ ପକ୍ଷରୁ ରବିବାର ବାର୍ଷିକ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ, ସାପଘରା ସରପଞ୍ଚଙ୍କ ପ୍ରତିନିଧି ଅନିରୁଦ୍ଧ ସାହୁ, ସଂଘ ସମ୍ପାଦକ ଯୁଧିଷ୍ଠିର ନାୟକ, ଗଣେଶ୍ୱର ବେହେରା, ପ୍ରଭାତ ପ୍ରଧାନ, ମହରଗା ନାୟକ, ସନ୍ତୋଷ ସାହୁ, ବାବୁଲି ପ୍ରଧାନ, ପ୍ରମୋଦ ନାୟକ, ପ୍ରତାପ ନାୟକ, ସଦାନନ୍ଦ ନାୟକ, ନିର୍ମଳଚନ୍ଦ୍ର ନାୟକ, ଗୋପାଳ ସେଠୀଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ଏଥିରେ ସମ୍ମିଳନୀ ସମ୍ପର୍କରେ ଆଲୋଚନା କରାଯିବାସହ କଳସ ଯାତ୍ରା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।



ବୈଠକରେ ଉପସ୍ଥିତ ନନ୍ଦିଆଁ ମହାସଂଘର ସଦସ୍ୟମାନେ।

# ୨୬ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

ଅନୁଗୋଳ,୧୫।୧୦ (ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ତଳଗଡ ଗ୍ରାମର ବିଜୁ ଯୁବ ଜନତା ଦଳ ଦ୍ୱାରା ଓଡିଶା ମୋ ପରିବାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ୨୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବିଜୁ ଯୁବ ଜନତା ଦଳର ଜିଲା ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦିନେଶ ପ୍ରଧାନ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ଜିଲା ଉପସଭାପତି କିଶୋର କୁମାର ସାହୁ ଓ ସାଧାରଣ ସମ୍ପାଦକ ସଞ୍ଜିବ ସାହୁ ସାମିଲ ହୋଇଥିଲେ। ବାପି ଜେନା, ସଞ୍ଜୟ ଜେନା, ସୁଜିତ ଦଳେଇ, ବିଶ୍ୱମ୍ଭର ଖୁଣ୍ଟିଆ, କାଳୁ ଜେନା, ନିରାକାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ

ତାଳଚେର,୧୫।୧୦(ମନୋଜ ନନ୍ଦ)

ତାଳଚେର ବ୍ଲକ କଂଗ୍ରେସ ସଭାପତି ବିଚ୍ଛନ୍ଦ ସାମଲଙ୍କ ନେତୃତ୍ୱରେ ରବିବାର ଘଣ୍ଟପଡା ପଞ୍ଚାୟତରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସ କର୍ମୀମାନେ ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମରେ ପଦଯାତ୍ରା କରି କାଳୀ ମନ୍ଦିରଠାରେ ପହଞ୍ଚି ଥିଲେ। ଏହି ପରିପ୍ରେକ୍ଷୀରେ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ଗ୍ରାମବାସୀଙ୍କ ସହ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ କେନ୍ଦ୍ର ଓ ରାଜ୍ୟ ସରକାଙ୍କୁ କଡା ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ସାହୁ, ବରିଷ୍ଠ କଂଗ୍ରେସ ନେତା ଶରତ ପ୍ରଧାନ, ସଂଗ୍ରାମ କେଶରୀ କୁଅଁର, ଡାକ୍ତର ମହାନ୍ତି, ପ୍ରମୋଦ ସାହୁ, ଗିରିଜା ମିଶ୍ର, ପୁଷ୍ପଲତା ସାହୁ, ସୁବାସ ପ୍ରଧାନ, ପ୍ରଭାତ ରଥ, ହାଡିବନ୍ଧୁ ବିଶ୍ୱାଳ, ଜନ୍ମେଶ୍ୱର ପଟ୍ଟନାୟକ, ଦାସରଥି ସାହୁ, ଗୌତମ ବେହେରା, କେଦାର ସାହୁ, ଜଗମୋହନ ସାହୁ, ଚନ୍ଦ୍ରଶେଖର ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି।

## ସଚେତନତା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ବଇଣ୍ଡା,୧୫।୧୦(ପରିକ୍ଷିତ ସାହୁ)

ଅନୁଗୋଳ ଓ ଢେଙ୍କାନାଳ ଜିଲାର ଏକ ସଙ୍ଗେ ବାଲ୍ୟବିବାହ ରୋକିବା ପାଇଁ ସୋମବାର ସଚେତନତା କାର୍ଯ୍ୟକ୍ରମ, କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ରବିବାର କିଶୋରନଗର ବ୍ଲକ ବିଶ୍ୱ ଯୁବକେନ୍ଦ୍ର ବଣିନାଳିଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ର ମନୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସହ ସମ୍ପାଦକ କ୍ଷୀରେନ୍ଦ୍ର ମୋହନ ଦେହୁରି, ସଂଯୋଜକ ବିଶ୍ୱଜିତ ଦାସ, ମଧୁସ୍ମିତା ଦାସ, ପୂଜା ସ୍ୱାଇଁ, ଗିରିଜାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କିଛି ମାସ ହେବ ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ବାଲ୍ୟବିବାହ, ଶିଶୁ ଶ୍ରମିକ ତଥା ଚାଲାଣ ଓ ଶିଶୁ ଯୌନ ନିର୍ଯ୍ୟାତନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। କୈଳାଶ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେଶନ ସହାୟତରେ ବିଶ୍ୱ ଯୁବକେନ୍ଦ୍ର ବାଣିଶାଳୀ ଦ୍ୱାରା ପରିଚାଳିତ 'ଆକ୍ସେସ ଟୁ ଜଷ୍ଟିସ' ପ୍ରକଳ୍ପ ତରଫରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଥିବା ବେଳେ କିଭଳି ପ୍ରତ୍ୟେକ ଗ୍ରାମରେ ଏହି ସଚେତନତା ସୃଷ୍ଟି କରିହେବ ଏ ନେଇ ପଦକ୍ଷେପ ନିଆଯାଉଥିବା ଜଣାପଡିଛି। ଗ୍ରାମାଞ୍ଚଳରେ ବାଲ୍ୟ ବିବାହ କିଭଳି ବନ୍ଦ ହେବ ସେ ନେଇ ସଚେତନତା କରାଯିବା ସହ ବାଲ୍ୟବିବାହ ବନ୍ଦ କରାଯାଉଛି। ସୋମବାର ଏକ ସଙ୍ଗେ ଉଭୟ ଜିଲାରେ କିଭଳି ଏହି କାର୍ଯ୍ୟକ୍ରମ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା।




ବୈଠକରେ ଉପସ୍ଥିତ ବିଶ୍ୱ ଯୁବକେନ୍ଦ୍ରର ସଦସ୍ୟମାନେ।

# ବାଳିକାରେ ଭୁବନେଶ୍ୱର, ବାଳକରେ ସୁନ୍ଦରଗଡ଼ ଚାମ୍ପିୟନ୍

**ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ**

ଅନୁଗୋଳ, ୧୫।୧୦ (ଅମିତ କୁମାର ସାମଲ)

ଫରେଷ୍ଟ ରେଞ୍ଜରର୍ସ ତାଲିମ ମହାବିଦ୍ୟାଳୟଠାରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ୨୦୨୩-୨୪ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଭୁବନେଶ୍ୱର ଚମ୍ପିୟନ୍ ହୋଇଥିବାବେଳେ ବାଳକ ବିଭାଗରେ ସୁନ୍ଦରଗଡ଼ ଚାମ୍ପିୟନ୍ ହୋଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢ଼େଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଚମ୍ପିୟନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଭୁବନେଶ୍ୱର ସୁନ୍ଦରଗଡ଼କୁ ହରାଇ ଚମ୍ପିୟନ୍ ହୋଇଥିଲା। ସେହିଭଳି ବାଳକରେ ପୁରୀ ଜିଲାକୁ ସୁନ୍ଦରଗଡ଼ ହରାଇ ଚମ୍ପିୟନ୍ ହୋଇଥିଲା।



ମୁଖ୍ୟ ଅତିଥିଙ୍କ ସହ ଚାମ୍ପିୟନ ହୋଇଥିବା ଦଳର ଖେଳାଳିମାନେ।

ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଅଧ୍ୟକ୍ଷତା କରିଥିବାବେଳେ ଏମ୍‌ପି ସାହୁଙ୍କ ସହ ଅନୁଗୋଳ ଜିଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ପୌରପାଳିକା ନଗରପାଳ ଅକ୍ଷୟ କୁମାର ସାମନ୍ତ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ୍, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରୀ ବନ୍ଧୁ ସାହୁ କ୍ରୀଡ଼ା ସଂଯୋଜନା କରିଥିଲେ। ଏହି ପ୍ରତିଯୋଗିତା ୫ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଦୁଇଟି ପର୍ଯ୍ୟାୟରେ ୧୭ ବର୍ଷରୁ କମ ଛାତ୍ରୀଛାତ୍ର ଓ ୧୪ ବର୍ଷରୁ କମ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ବାଳକ ବିଭାଗରେ ୨୯ ଟି ଦଳ ଓ ବାଳିକା ବିଭାଗରେ ୨୯ଟି ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାରେ ମୋଟ ୬୭୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ପ୍ରତିଯୋଗୀତାକୁ ସଞ୍ଚାଳନ କରିବା ପାଇଁ ୧୮୦ ପଦାଧିକାରୀ ଯୋଗଦେଇଥିଲେ।

**କୂଅରୁ ମହିଳାଙ୍କ ମୃତଦେହ ଜବତ ଘଟଣା**

# ଦିଅର, ନଣନ୍ଦ କୋର୍ଟଚାଲାଣ

ସାତମାଇଲ,୧୫।୧୦(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ଅନ୍ତର୍ଗତ ଅସରଡା ଗ୍ରାମର ପ୍ରଫୁଲ ସାହୁଙ୍କ ବୋହୂ ସ୍ୱାଗତିକାଙ୍କ ମୃତଦେହ କୂଅରୁ ଜବତ କରାଯାଇଥିଲା। ଏହି ଘଟଣାରେ ବାଲିମି ଥାନାଧିକାରୀ ଅମିତ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଇ ଘଟଣାରେ ସଂପୃକ୍ତ ଦିଅର ଚିଣ୍ଟୁ ସାହୁ, ନଣନ୍ଦ ଲିଜା ସାହୁ ଓ ଶ୍ୱଶୁର ପ୍ରଫୁଲ ସାହୁଙ୍କୁ ଅଟକ ରଖି ପଚରା ଉଚରା କରିବା ପରେ ପୋଲିସ ରବିବାର ଦିଅର ଓ ନଣନ୍ଦଙ୍କୁ କୋର୍ଟ ଚାଲାଣ କରିଛି। ସ୍ୱାଗତିକାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଶ୍ୱଶୁର ପ୍ରଫୁଲଙ୍କୁ ହସ୍ତାନ୍ତର କରାଯାଇ ଅନ୍ତେଷ୍ଟି କ୍ରିୟା ସମାପନ କାରାଯାଇଛି। ୯ ବର୍ଷର ଗୋଟିଏ ପୁଅକୁ ତାଙ୍କ ଦାୟିତ୍ୱରେ ଛଡାଯାଇଛି।

# ଜାନୁୟାରୀ ସୁଦ୍ଧା ଜାତୀୟ ରାଜପଥ କାର୍ଯ୍ୟ ଶେଷ କର

ଢେଙ୍କାନାଳ,୧୫।୧୦(ରତନ ନାୟାର)


କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ଆଲୋଚନା କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସୁନିଲ ଶର୍ମା ଓ ପ୍ରତାପଚନ୍ଦ୍ର ପ୍ରଧାନ।

କଟକ ଜିଲା ମଙ୍ଗୁଳିରୁ ଢେଙ୍କାନାଳ ଓ ଅନୁଗୋଳ ଦେଇ ସମ୍ବଲପୁରକୁ ଯୋଡିଥିବା ୫୫ନଂ ଜାତୀୟ ରାଜପଥର ସଂପ୍ରସାରଣ ତଥା ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପକ୍ଷରୁ ପ୍ରଚେଷ୍ଟା ଆରମ୍ଭ ହୋଇଛି । ଏହି ରାଜପଥର ଉନ୍ନତିକରଣ କାର୍ଯ୍ୟ ପାଇଁ ପ୍ରଥମେ ଦୁଇଟି ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିଲେ। ସମୟ କ୍ରମେ ଠିକା ସଂସ୍ଥା ଦ୍ୱୟ ତାଙ୍କର ଦାୟିତ୍ୱ ସମ୍ପନ୍ନ କରିନପାରି ଉନ୍ନତିକରଣ କାର୍ଯ୍ୟକୁ ଅଧାପନ୍ତରିଆ ଭାବେ ଛାଡି ପଳାଇଥିଲେ। ଫଳରେ ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏସବୁ ଅସୁବିଧାକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କ ସମେତ ଜାତୀୟ ରାଜପଥ ପ୍ରାଧୀକରଣର ବରିଷ୍ଠ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ୫୫ନଂ ଜାତୀୟ ରାଜପଥ ଉନ୍ନତୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଏହି ଅବସରରେ କେନ୍ଦ୍ର ସଡକ ପରିବହନ ରାଷ୍ଟ୍ରମନ୍ତ୍ରୀ ଭି.କେ ସିଂହ ଉପସ୍ଥିତ ଥିଲେ। ଢେଙ୍କାନାଳ ପୂର୍ବତନ ନଗରପାଳ ସୁନିଲ ଶର୍ମା, ଅନୁଗୋଳର ଜିଲା ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପଚନ୍ଦ୍ର ପ୍ରଧାନ ମଧ୍ୟ ଆଲୋଚନା ସମୟରେ ଉପସ୍ଥିତ ଥିଲେ। ଜାନୁୟାରୀ ୨୦୨୪ ସୁଦ୍ଧା ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଜାତୀୟ ରାଜପଥ ପ୍ରାଧୀକରଣଙ୍କ ସମେତ ଠିକାସଂସ୍ଥାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ସୁନିଲ ଶର୍ମା ଓ ପ୍ରତାପଚନ୍ଦ୍ର ପ୍ରଧାନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ନୀତିନ ଗଡକରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ନୀତିନ ଗଡ଼କରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର**

# କ୍ରେଡିଟ୍ କାର୍ଡ କାଗଜପତ୍ରରେ ଜାଲିଆତି

ଢେଙ୍କାନାଳ,୧୫।୧୦
(ରତନ ନାୟାର)

ଢେଙ୍କାନାଳ ସହର କୋରିଆଁସ୍ଥିତ ସ୍ୱପ୍ନେଶ୍ୱର ବଜାର ଅଞ୍ଚଳର ଅମ୍ବୁଜ କୁମାର ସାହୁ ସହରସ୍ଥିତ ଜଗନ୍ନାଥରୋଡ ନିକଟରେ ଥିବା ଏକ ବ୍ୟାଙ୍କ ଶାଖାରେ କ୍ରେଡିଟ୍ କାର୍ଡ ସମ୍ପର୍କିତ କାଗଜପତ୍ରରେ ଜାଲିଆତି ହୋଇଥିବା ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ବ୍ୟାଙ୍କିଂ ଅମ୍ବୁଡ୍ସମ୍ୟାନଙ୍କୁ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା । ଏହାକୁ ନେଇ ସେ ମାନସିକ ନିର୍ଯ୍ୟାତନାର ଶିକାର ହେବାରୁ ଏହି ଠକେଇର ଶିକାରକୁ ନେଇ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ମଧ୍ୟ ଦାବି କରିଥିଲେ। ଏ ସମ୍ପର୍କରେ ସେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଥିଲେ। ୯ ତାରିଖରେ ସେ ରାତି ସାଢେ ୮ଟା ବେଳେ ଟ୍ରେନ୍‌ରୁ ଓହ୍ଲାଇ ଘରକୁ ଫେରୁଥିବା ବେଳେ ଦୁଇଜଣ ଲୋକ ଆସି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଥାନାରେ କରିଥିବା ମାମଲାକୁ ତୁରନ୍ତ ହଟାଇବା ପାଇଁ ଧମକ ଦେବା ସହିତ ଏହା ନକଲେ ଜୀବନରେ ମାରିଦେବା ପାଇଁ ମଧ୍ୟ ଧମକଚମକ ଦେଇଥିଲେ। ଏଥିପୂର୍ବରୁ ଅମ୍ବୁଜ ଟାଉନ ଥାନାରେ କେସ୍ ନଂ ୭୨୧/୨୩, ଦଫା- ୪୨୦, ୪୬୭,୪୬୮,୨୯୪,୪୭୧,୫୦୬ ଓ ୩୪ରେ ଏକ ମାମଲା ରୁଜୁ କରିଛନ୍ତି। ଏହି ଘଟଣାର ତଦନ୍ତ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି । ଟାଉନ ଥାନା ଏସ୍‌ଆଇ ସୌଭାଗ୍ୟ ପାଢୀ ଘଟଣାର ତଦନ୍ତ କରୁଛନ୍ତି ।

# ହାଇସ୍କୁଲ ରୂପାନ୍ତରଣ ବେଳେ କାନ୍ଥ, ଛାତ ଭୁଶୁଡ଼ିଲା

ଢେଙ୍କାନାଳ,୧୫।୧୦(ରତନ ନାୟାର)


ସୁଦର୍ଶନ ବିଦ୍ୟାଭବନ ହାଇସ୍କୁଲ କାନ୍ଥ ଓ ଛାତ ଭୁଶୁଡି ପଡିଛି।

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଚିରୁଳେଇ ଗ୍ରାମର ସୁଦର୍ଶନ ବିଦ୍ୟାଭବନରେ ରାଜ୍ୟ ସରକାରଙ୍କର ହାଇସ୍କୁଲ ରୂପାନ୍ତରଣ ପାଇଁ ଉନ୍ନତିକରଣ କାର୍ଯ୍ୟ ଚାଲୁଥିବା ବେଳେ ଉକ୍ତ ସ୍କୁଲ ଘର କାନ୍ଥ ଓ ଛାତ ଭୁଶୁଡି ପଡିଛି। ସ୍କୁଲର ପୁରୁଣା କାନ୍ଥରେ ଛାତ ପକାଯାଉଥିବା ବେଳେ କାନ୍ଥ ସହ ଛାତ ମଧ୍ୟ ଭୁଶୁଡି ପଡିଥିଲା । ନିର୍ମାଣ କାମ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀ ପୁରୁଣା କାନ୍ଥ ଉପରେ ଛାତ ପକାଇବା ପାଇଁ କିପରି ଅନୁମତି ଦେଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏଥିରେ ୩୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍କୁଲଗୁଡିକର ମାନ ବୃଦ୍ଧି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ବ୍ଲକଗୁଡିକରେ ଏହି କାର୍ଯ୍ୟକୁ ତଦାରଖ କରିବା ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅବହେଳା ଯୋଗୁ ଏଭଳି ଘଟଣା ଘଟୁଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୂର୍ବତନ ବିଧାୟକ ନବୀନ ନନ୍ଦ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ପବିତ୍ର ବେହେରା କହିଛନ୍ତି, ମୁଁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛି। ତେଣୁ ମୋ ପାଖରେ ଖବର ନାହିଁ। ଘଟଣା ସ୍ଥଳକୁ ଯାଇ ଦେଖିବା ପରେ ଏ ସଂକ୍ରାନ୍ତରେ ଯାହାକିଛି ପଦକ୍ଷେପ ଗ୍ରହଣ କରିହେବ। ଏ ନେଇ ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି, ଘଟଣା ସମ୍ପର୍କରେ ଖବର ପାଇଛି। ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କହିଛି।

# ନଦୀରୁ ଯୁବକଙ୍କ ମୃତଦେହ ଜବତ

ପାଲଲହଡା,୧୫।୧୦
(ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଥାନା ମୁଚୁରିଗାଡିଆ ଗ୍ରାମର ବିଶ୍ୱନାଥ ଖାନ୍ଦିଆ(୩୫)ଙ୍କ ମୃତଦେହ ରବିବାର ପାଲଲହଡା ଅଗ୍ନିଶମ କର୍ମଚାରୀ ମାଙ୍କଡ଼ା ନଦୀରୁ ଜବତ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ପୋଲିସ କହିଛି, ବିଶ୍ୱନାଥ ଶନିବାର ଗ୍ରାମର ସାଙ୍ଗମାନଙ୍କ ସହ ନିକଟସ୍ଥ ଗ୍ରାମରେ କାମ ସାରି ମାଙ୍କଡା ନଦୀ ପାର ହୋଇ ନିଜ ଗ୍ରାମକୁ ଫେରୁଥିବାବେଳେ ଭାସି ଯାଇଥିଲେ। ଏ ନେଇ ତାଙ୍କ ସାଙ୍ଗମାନେ ଗ୍ରାମବାସୀ ଓ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ବହୁ ଖୋଜାଖୋଜି ସତ୍ତ୍ୱେ ବିଶ୍ୱନାଥଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ରବିବାର ପାଲଲହଡା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରି ବିଶ୍ୱନାଥଙ୍କ ମୃତଦେହ ଜବତ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# କଂଗ୍ରେସ କ୍ଷମତାକୁ ଆସିଲେ ଲୋକଙ୍କ ସମସ୍ୟା ସମାଧାନ ହେବ

କାମାକ୍ଷାନଗର,୧୫।୧୦
(ସୁଧୀର ପରିଡ଼ା)


ପଦାଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ କର୍ମୀମାନେ।

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ବିପ୍ରବର ସାହୁଙ୍କ ନେତୃତ୍ୱରେ ରବିବାର କଂଗ୍ରେସର ପଦଯାତ୍ରା ଓ ସମ୍ପର୍କଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଣ୍ଟାଝରିଆ, ଆମ୍ବବୋଲ, ଉଦୟଗିରି, ଚିତାକତା ଆଦି ଗ୍ରାମରେ ଶତାଧିକ ଯୁବକ, ମହିଳା, କଂଗ୍ରେସ କର୍ମୀ ଯୋଗଦେଇଥିଲେ। ସେବାମୂଳକ ଚିନ୍ତାଧାରା ସହିତ ଲୋକଙ୍କ ପ୍ରକୃତ ସମସ୍ୟା କଂଗ୍ରେସ କ୍ଷମତାକୁ ଆସିଲେ ସମାଧାନ ହୋଇଯିବ ବୋଲି କହିଥିଲେ। ବର୍ତ୍ତମାନ ସରକାରଙ୍କ ଅମଳରେ ଯୁବକ, ଚାଷୀ, ଛାତ୍ର, ଜନସାଧାରଣ ପ୍ରତାରିତ ହୋଇଛନ୍ତି। ମିଛି ମିଛିକା ପ୍ରତିଶୃତି ସମସ୍ତଙ୍କ ମନରେ ଅଶାନ୍ତ ଭରିଦେଇଛି। ନାରୀ ନିର୍ଯାତନା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଲୋକମାନେ ଅତ୍ୟଧିକ ଟ୍ୟାକ୍ସ ଦେଇ ନୟାନ୍ତ, ଲୋକମାନଙ୍କୁ ଟଙ୍କିକିଆ ଚାଉଳ ଦେଇ ଲୁଣ କେଜି ୨୫ ଟଙ୍କା, ଡାଲି, ତେଲ, ପେଟ୍ରୋଲ, ଡିଜେଲ ଦର ମାତ୍ରାଧିକ ବୃଦ୍ଧି, ଲୋକମାନଙ୍କୁ ଅସୁବିଧାରେ ପକାଇ ଦେଇଛି। କଂଗ୍ରେସ ଏକ ମାତ୍ର ଦଳ, ଯିଏ ଦେଶ ଓ ରାଜ୍ୟକୁ ଠିକ ବାଟରେ ଚଳାଇପାରିବ। ଏଣୁ ଆଜି 'ଘରେ ଘରେ କଂଗ୍ରେସ ଘରେ ଘରେ ହାତ' କାର୍ଯ୍ୟକ୍ରମ ଚାଲୁରହିଛି। ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ସାହୁ, କାଳନ୍ଦୀ ବେହେରା, ବୈକୁଣ୍ଠ ନାଥ ସାହୁ, ରଞ୍ଜନ ମଲ୍ଲିକଙ୍କ ସମେତ ବିଭିନ୍ନ ଗ୍ରାମର ଯୁବଗୋଷ୍ଠୀ ସାମିଲ ହୋଇଥିଲେ।

# ଗଁଦିଆ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ



ଷଡଙ୍ଗୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ଢେଙ୍କାନାଳ,୧୫।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ରବିବାର ଷଡଙ୍ଗୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲିଧର ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକର ପ୍ରଥମାର୍ଦ୍ଧରେ ବ୍ଲକ ସମ୍ପାଦକ ଗଗନ ବିହାରୀ ଲେଙ୍କା ବିବରଣୀ ପାଠ କରିଥିଲେ । ଓଷ୍ଟା ଜିଲା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ପାଦକ ବିଭୁତି ସାମଲ, ରାଜ୍ୟ ସଂଘ କାର୍ଯ୍ୟକାରିଣୀ ସଭ୍ୟ ଶ୍ରୀରାମ ରାଉତ, ଜିଲା ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହାପରେ ଉପସ୍ଥିତ ଶିକ୍ଷକମାନଙ୍କ ସହମତିରେ ଗଁଦିଆ ବ୍ଲକ ସଭାପତି ଭାବେ ମୁରଲିଧର ସାହୁ, ଉପସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ ଓ ରଙ୍ଗଲତା ଭୂୟାଁ, ସମ୍ପାଦକ ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ଦିଲୀପ କୁମାର ଗଡନାୟକ ଓ ଅମ୍ବୁଜ କୁମାର ପୁହାଣ, ଜିଲା କାର୍ଯ୍ୟକାରୀ ସଭ୍ୟ ବିକ୍ରମ କେଶରୀ ବାରିକ ଓ ବସନ୍ତ ମଞ୍ଜରୀ ଦାସ, ବ୍ଲକ କାର୍ଯ୍ୟକାରିଣୀ ସଭ୍ୟ ଭାବେ ଗଜେନ୍ଦ୍ର ମହନ୍ତ ଓ ଅନନ୍ତ ଚରଣ ମହାନ୍ତି ମନୋନୀତ ହୋଇଥିଲେ । ଏହାପରେ ଜିଲା ସମ୍ପାଦକ ସମସ୍ତଙ୍କୁ ଶପଥପାଠ କରାଇଥିଲେ । ଷଡଙ୍ଗୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବ୍ଲକର ୩୦ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ । ଶିକ୍ଷକ ରମାକାନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ

ଛେଣ୍ଡିପଦା,୧୫।୧୦(ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ସୁଦର୍ଶନପୁର ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ପୋଲିସ କହିଛି, ସୁଦର୍ଶନପୁର ଗ୍ରାମର ମିନାକ୍ଷୀ ଭୁଟିଆଙ୍କ ସହ ପଡୋଶୀ ବିଶ୍ୱାମିତ୍ର ମଲିକ ଓ ମୀନ ମଲିକଙ୍କ ଝଗଡା ହୋଇଥିଲା। ମୀନଙ୍କ ସ୍ୱାମୀ ବିଶ୍ୱାମିତ୍ର ମଦ୍ୟପାନ କରି ମିନାକ୍ଷୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମିଥ୍ୟା ମାମଲାରେ ଫସାଇ ଦେବାକୁ ଧମକ ଦେଇଥିଲେ। ଏ ନେଇ ମିନାକ୍ଷୀ ନିଶା ଶିଳ୍ପାଞ୍ଚଳ ଥାନାରେ ଏହାର ସମାଧାନ ପାଇଁ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୮୭/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ସମ୍ମିଳନୀ

କାମାକ୍ଷାନଗର,୧୫।୧୦
(ଅମଜାଦ୍ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ 'ବରିଷ୍ଠ ନାଗରିକ ମଞ୍ଚ'ର ଆବାହକ ଭଗବାନ ସିଂଙ୍କ ଆହ୍ୱାନକ୍ରମେ ରବିବାର ବିରାଶାଳ ଶିବମନ୍ଦିର ପରିସରରେ ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଭିନ୍ନ ପଞ୍ଚାୟତର ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷା ଦୀପା ସାହୁ, ବରିଷ୍ଠ ନାଗରିକ ମଞ୍ଚର ଜିଲା ଉପସଭାପତି ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକଙ୍କ ସହ ସୁସମ୍ପର୍କ, ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନା, ଦୈନନ୍ଦିନ ଜୀବନରେ ତଥା ପାରିବାରିକ ଜୀବନରେ ସମାସ୍ୟା ଆଦି ବିଷୟରେ ଆଲୋଚନା ହୋଇଥିଲା। ଯୁବ ସାମାଜିକ କର୍ମୀ ସୁକାନ୍ତ କୁମାର ପରିଡା ସହଯୋଗ କରିଥିଲେ।


ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

# ଡାକ୍ତରଖାନାରେ ଫଳ ବଣ୍ଟନ

କାମାକ୍ଷାନଗର,୧୫।୧୦(ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ 'ଯୁବଶକ୍ତି' ସମର୍ପିତ ଓଡ଼ିଶା ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଯୁବଶକ୍ତି ଅଧ୍ୟକ୍ଷ ତଥା ପରଜଙ୍ଗ ନିର୍ବାଚନମଣ୍ଡଳୀର ବିଜେଡି ଯୁବନେତା ହିମାଂଶୁ ଭୂଷଣ ବାରିକ ମେଡିକାଲରେ ପହଞ୍ଚି ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷୀରୋଦ ଦେହୁରୀ, ସାମାଜିକ କର୍ମୀ ସୁବ୍ରତ ନାୟକ, ସୁଶାନ୍ତ ସାହୁ ଏବଂ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।


ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଉଛି।

# କେରଳ ରାଜ୍ୟ ବିଦ୍ୟୁତ୍ ବୋର୍ଡ ଚାମ୍ପିୟନ

ଢେଙ୍କାନାଳ,୧୫।୧୦(ରତନ ନାୟାର)



ଟ୍ରଫି ସହ ଚାମ୍ପିୟନ କେରଳ ରାଜ୍ୟ ବିଦ୍ୟୁତ ବୋର୍ଡ ଦଳ ।



ରନର୍ସଅପ ଟ୍ରଫି ସହ ତାମିଲନାଡୁ ପୋଲିସ ଦଳ ।

**୫ମ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଉଦ୍‌ଯାପିତ**

- ଗିଲବର୍ଟଙ୍କ ହାଟ୍ରିକ୍ ଗୋଲ
- ତାମିଲନାଡୁ ପୋଲିସ ରନର୍ସଅପ୍

ଢେଙ୍କାନାଳ ଷ୍ଟାଡିୟମଠାରେ ଜିଲା କ୍ରିଡା ସଂଘ ପକ୍ଷରୁ ଜିଲା ପ୍ରଶାସନ, ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ଓ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ୧ ତାରିଖରୁ ଅନୁଷ୍ଠିତ ୫ମ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କେରଳ ରାଜ୍ୟ ବିଦ୍ୟୁତ ବୋର୍ଡ ତାମିଲନାଡୁ ପୋଲିସକୁ ୬-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ୧୫ନଂ ଖେଳାଳି ନିକୋ ଗିଲବର୍ଟ ହାଟ୍ରିକ୍ ସହ ୪ଟି ଗୋଲ ପ୍ରଦାନ କରିଥିଲେ। ଏହି ଖେଳକୁ ରେଫରୀ କିଶାନ ଦାସ, ଅରୁଣ ନାୟକ, ଶଶିକାନ୍ତ ଦାଶିଆ, ଜ୍ୟୋତି ରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ମାୟାଧର ସାହୁ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି, ଏମ୍‌ଏସ୍‌ଏମ୍‌ଇ ଓ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେଓ ଚାମ୍ପିୟନ ଖେଳାଳିଙ୍କୁ କପ୍ ସହ ୧ଲକ୍ଷ ଟଙ୍କା ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଧାୟକ ସୁଧିର କୁମାର ସାମଲ ରନର୍ସଅପ୍ ତାମିଲନାଡୁ ପୋଲିସ ଦଳକୁ କପ୍ ସହ ନଗଦ ୬୦ହଜାର ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗ ଦେଇଥିଲେ । ଜିଲା କ୍ରିଡା ସଂଘ ସଭାପତି ତଥା ଜିଲାପାଳ ସରୋଜ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଯୁବରାଜ ଅମରଜ୍ୟୋତି ସିଂହଦେଓ, ଉପନଗରପାଳ ପ୍ରକାଶଚନ୍ଦ୍ର କୁଅଁର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ବିଶିଷ୍ଟ ସାମାଜିକ କର୍ମୀ ବିଶ୍ୱଜିତ ପଟ୍ଟନାୟକ, ଜିଲା କ୍ରୀଡା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଓ ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଏହି ପ୍ରତିଯୋଗିତାରେ ବାହାର ରାଜ୍ୟର ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ରାଜ୍ୟ ଭିତରୁ ୪ଟି ଦଳ ଅଂଶଗ୍ରହଣ କରିଥିଲେ। କ୍ରିଡା ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଅଭିଜିତ ମିଶ୍ର, ଶ୍ୟାମସୁନ୍ଦର ମହାପାତ୍ର, ଗୌରାଙ୍ଗ ସେଠି, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢୀ, ସୁନିଲ ପଣ୍ଡା, ଶିବ ପ୍ରସାଦ ଦାସ, ସୁଶାନ୍ତ ଜେନା, ବିଭୂତି ଭୂଷଣ ପଟ୍ଟନାୟକ, ସରୋଜ କୁମାର ପାଢୀ ପ୍ରମୁଖ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଟ୍ରାନ୍ସଫର୍ମର ମରାମତି ଦାବିରେ ରାସ୍ତାରୋକୋ

ଢେଙ୍କାନାଳ,୧୫।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଉଖମା ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ହୋଇପଡିଛି। ଏହାର ମରାମତି ଦାବିରେ ରବିବାର ଅଞ୍ଚଳବାସୀ ପୁରୁଣା କଟକ-ସମ୍ବଲପୁର ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ଅଚଳ ଟ୍ରାନ୍ସଫର୍ମର ଯୋଗୁ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅଭିଯୋଗ ପରେ ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ପ୍ରତିବାଦରେ ଅଞ୍ଚଳବାସୀ ରାସ୍ତାଅବରୋଧ କରିଥିଲେ। ଖବରପାଇ ଭାପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠି, ପୋଲିସ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

# ଶତାବ୍ଦୀର ମୂକସାକ୍ଷୀ କୁଞ୍ଜକାନ୍ତ ମନ୍ଦିର


ଢେଙ୍କାନାଳ ସହର କୁଞ୍ଜକାନ୍ତ ମନ୍ଦିର ପରିସରରେ ଐତିହ୍ୟ ପଦଯାତ୍ରୀ ଦଳ।

ଢେଙ୍କାନାଳ ,୧୫।୧୦(ରତନ ନାୟାର)

ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ସପ୍ତମ ସଂସ୍କରଣ ରବିବାର ସ୍ଥାନୀୟ କୁଞ୍ଜକାନ୍ତ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଐତିହ୍ୟକୁ ଜାଣିବା ଓ ତାହା ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ ରଖି ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ଏହାର ଉଦ୍ଦେଶ୍ୟ। ଢେଙ୍କାନାଳ ସହର ମଧ୍ୟଦେଇ ଯାଇଥିବା ମୁଖ୍ୟ ରାସ୍ତା କଡରେ ପାଣି ଓହଳା ପର୍ବତର ଠିକ ପାଦଦେଶର ଉଚ୍ଚସ୍ଥାନରେ ରହିଛି ଏହି ସୁନ୍ଦର ମନ୍ଦିର। ମନ୍ଦିରର ପ୍ରବେଶ ଦ୍ୱାର ଏକ ରାଜ ପ୍ରାସାଦର ଭ୍ରମ ସୃଷ୍ଟି କରୁଥିଲେ ହେଁ ବାସ୍ତବରେ ଏହା ଏକ ମନ୍ଦିର ଏବଂ ଏହା ଭିତରେ ପୂଜା ପାଉଛନ୍ତି ବୃନ୍ଦାବନଚନ୍ଦ୍ର ଶ୍ରୀକୃଷ୍ଣ ଓ ମହାମାୟୀ ଶ୍ରୀରାଧା। ଏଠି ଶ୍ରୀକୃଷ୍ଣଙ୍କୁ କୁଞ୍ଜକାନ୍ତ ଭାବରେ ସମ୍ବୋଧନ କରାଯାଏ। ସିଂହାସନ ଉପରେ ଅଷ୍ଟ ପାଟବଂଶୀ ପରିବେଷ୍ଟିତ ଶ୍ରୀକୃଷ୍ଣଙ୍କ ଚାରି ଫୁଟ୍ ଉଚ୍ଚତା ପ୍ରତିମାଟି କଳା ମୁଗୁନି ପଥରରେ ଓ ଶ୍ରୀରାଧାଙ୍କ ମୂର୍ତ୍ତିଟି ଅଷ୍ଟଧାତୁରେ ନିର୍ମିତ। ୧୯୧୭ରେ ତତ୍କାଳୀନ ରାଜା ସୁରପ୍ରତାପଙ୍କ ଦ୍ୱାରା ଏହି ମନୋରମ ମନ୍ଦିରଟି ନିର୍ମିତ ହୋଇଥିଲା। ରାଜର୍ଷି ସୁରପ୍ରତାପଙ୍କ ଅକାଳ ବିୟୋଗ ପରେ ତାଙ୍କ ମହାରାଣୀ କୃଷ୍ଣପ୍ରିୟା ଦେବୀ ଏଠାରେ ରହି ଭଗବାନଙ୍କ ସେବାରେ ସାରା ଜୀବନ ଅତିବାହିତ କରିଥିଲେ। ମନ୍ଦିର ପରିସରରେ ଝୁଲଣ ମଣ୍ଡପ ଓ ବେଢା ବାହାରେ ଦୋଳ ମଣ୍ଡପ ସହିତ ଏକ ସୁନ୍ଦର ରାଣୀହଂସପୁର ରହିଛି। ଏହିଠାରେ ହିଁ ରାଣୀ କୃଷ୍ଣପ୍ରୀୟା ଅବସ୍ଥାନ କରୁଥିଲେ। ମୁଖ୍ୟ ମନ୍ଦିରଟି ରାଜପୁତନା ଶୈଳୀରେ ନିର୍ମିତ ଏକ ମାର୍ବଲ୍ ଆଚ୍ଛାଦିତ ଗୃହ। ଏଥିରେ ବ୍ୟବହୃତ ଲୌହ ଖୁମ୍ବଗୁଡିକ ଦେଖିବା ପାଇଁ ଖୁବ୍ ଆକର୍ଷଣୀୟ। ମନ୍ଦିରର ଉପରି ଭାଗରେ ଖୁବ୍ ସୂକ୍ଷ୍ମ କାରୁକାର୍ଯ୍ୟ ଏବେ ମଧ୍ୟ ଅକ୍ଷୁର୍ଣ୍ଣ ରହିଛି। ଦୀର୍ଘ ୧୦୦ ବର୍ଷରୁ ଅଧିକ କାଳଧରି ସ୍ଥାନୀୟ ରାଜ ପରିବାର ଦ୍ୱାରା ପରିଚାଳିତ ହୋଇ ଆସୁଥିବା ଏହି ମନ୍ଦିରରେ ଜନ୍ମାଷ୍ଟମୀ ଓ ଅନ୍ୟାନ୍ୟ ପର୍ବପର୍ବାଣି ଖୁବ୍ ନିଷ୍ଠାର ସହିତ ପାଳନ କରାଯାଏ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ରବିବାର ସକାଳେ ପଦଯାତ୍ରୀ ଦଳ ଏଠାରେ ପହଁଚିବା ପରେ ପରେଶ କୁମାର ମିଶ୍ର ମନ୍ଦିରର ଇତିହାସ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ମୃଣାଳ ଚାଟାର୍ଜୀ, କଟକ ହେରିଟେଜ୍ ୱାକ୍‌ର ସଦସ୍ୟ ବିଶ୍ୱରଞ୍ଜନ ଦେହୁରୀ, ରମେଶ ଚନ୍ଦ୍ର ପତି, ବିପିନ ବିହାରୀ ପାଣି, ଅଧ୍ୟାପକ ଅକ୍ଷୟ ପାତ୍ର, ଶାନ୍ତନୁ ନାୟକ, ସୁନୀତା ମହାପାତ୍ର, ଆଦିତ୍ୟ ମିଶ୍ର, ନାରାୟଣ ପଟ୍ଟନାୟକ, ଧୀରେନ୍ କୁମାର ମିଶ୍ର, ସ୍ୱର୍ଣ୍ଣଲତା ସେଠୀ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅନେକ ପିଜି ଛାତ୍ର ପଦଯାତ୍ରାରେ ସାମିଲ ହୋଇଥିଲେ।

# ଭାଜପା କୋର୍ କମିଟି ବୈଠକ

ମାଧପୁର,୧୫।୧୦(ମନୋଜ ପ୍ରଧାନ)

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କନ୍ଧପଡ଼ାଠାରେ ମାଧପୁର ମଣ୍ଡଳ ଭାଜପା ପକ୍ଷରୁ ଦଳର ପଦାଧିକାରୀଙ୍କୁ ନେଇ ଶନିବାର ଏକ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଉପସଭାପତି ରମେଶ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା ସାଧାରଣ ସମ୍ପାଦକ ତଥା ମାଧପୁର ମଣ୍ଡଳ ପ୍ରଭାରୀ ଭବାନୀ ଜ୍ୟୋତିଷରାୟ ଯୋଗଦେଇ ଆଗାମୀ ନିର୍ବାଚନ ନିମନ୍ତେ ସାଂଗଠନିକ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି ଅଲେଖ ଭୋଇ, ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ମହାନ୍ତି, ପ୍ରକାଶ ସାହୁ, ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ପ୍ରଧାନ, ଅମ୍ବିକା ପ୍ରସାଦ ଦେହୁରୀ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ମହାକୁଡ, ପୂର୍ବତନ ସମିତି ସଭ୍ୟା ଆରତୀ ନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ବସନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତାମାନେ।

# ବିଏଡ୍ ଶିକ୍ଷକ ମହାସଂଘର ଜିଲାସ୍ତରୀୟ ବୈଠକ


ବୈଠକରେ ଯୋଗଦେଇଥିବା ବିଏଡ୍ ଶିକ୍ଷକମାନେ।

ଅନୁଗୋଳ, ୧୫।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ୮ଟି ବ୍ଲକରେ ନିଯୁକ୍ତି ହୋଇଥିବା ବିଏଡ ଶିକ୍ଷକମାନଙ୍କର ଏକ ବୈଠକ ବସ୍‌ଷ୍ଟାଣ୍ଡର ଏକ ହୋଟେଲ ଠାରେ ଅନୁଷ୍ଠିତ ହୋଇଛି। ମୂଳ ନିଯୁକ୍ତି ବିଏଡ଼ ଶିକ୍ଷକ ମହାସଂଘ ଓଡ଼ିଶା ପକ୍ଷରୁ ସଭାପତି ଲଲଟେନ୍ଦୁ ମହାଲା, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ନାୟକ ଓ ରାଜ୍ୟ କର୍ମକର୍ତ୍ତା ଦେବାଶିଷ ପଟ୍ଟନାୟକ ଏବଂ ଜ୍ଞାନରଞ୍ଜନ ପତି ଯୋଗଦେଇଥିଲେ। ଆଠମଲ୍ଲିକ ବ୍ଲକର ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ କର୍ମକର୍ତ୍ତାମାନେ ୨୦୦୧ରୁ ୨୦୧୮ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କର ପଦୋନ୍ନତି ତଥା ଉଚ୍ଚ ନ୍ୟାୟାଳୟ ପଦୋନ୍ନତିକୁ ନେଇ ଦେଇଥିବା ରାୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ମୂଳ ନିଯୁକ୍ତି ବିଇଡ଼ି ଶିକ୍ଷକମାନଙ୍କ ପକ୍ଷରୁ ସର୍ବ ସମ୍ମତ୍ତି କ୍ରମେ ଜିଲା ସଂଘ ଗଠନ କରାଯାଇଥିଲା। ଜିଲା ସଭାପତି ଭାବେ ସଞ୍ଜିବ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଭାବେ ଜ୍ୟୋତିମୟୀ ଭୂତିଆ, ଉପସଭାପତି ରଞ୍ଜନ ସାହୁ ଏବଂ ବିଭସ୍ ଦଣ୍ଡପାଟ, ସାଧାରଣ ସମ୍ପାଦକ ଭାବେ ଭୀଷ୍ମରଥୀ ସାହୁ, କୋଷାଧ୍ୟକ୍ଷ ଭାବେ ସୁଶୀଲ ପ୍ରଧାନ, ରାଜ୍ୟ ସଂଯୋଜକ ଭାବେ ତରୁଣ ପ୍ରଧାନ, ଅମୂଲ୍ୟ ସାହୁ, ଯୁଗ୍ମ ସମ୍ପାଦକ ଭାବେ କାଶୀନାଥ ବେହେରା, ଚିନ୍ତାମଣି ଦାଣ୍ଡିଆ ଓ ଦୁର୍ଯ୍ୟୋଧନ ସାହୁ, ସଙ୍ଗଠନ ସମ୍ପାଦକ ଭାବେ ସୁଜିତ ସାହୁ, ସୁବ୍ରତ ସାହୁ, ମୁକେଶ ସାହୁ, ଗଣମାଧ୍ୟମ ସଂଯୋଜକ ଭାବେ ନକୁଳ ପ୍ରଧାନ, ବିଖ୍ୟାତ ବିହାରୀ ମିଶ୍ର, ଉପଦେଷ୍ଟା ଭାବେ ଦିଲ୍ଲୀପ ସାହୁ, ଅନୀତା ସାହୁ, ଦିଲ୍ଲୀପ ପ୍ରଧାନ ଓ ଜିତେନ୍ଦ୍ର ବାରିକ ମନୋନୀତ ହୋଇଥିଲେ।

# 'ସଚେତନ ହୁଅନ୍ତୁ, ସୁରକ୍ଷିତ ରୁହନ୍ତୁ'

ଧାମନଗର, ୧୫।୧୦
(ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ପୋଲିସ ପକ୍ଷରୁ ଏନ୍‌ଏସି ଅଞ୍ଚଳରେ ସାଇବର ସୁରକ୍ଷା ଅଭିଯାନ ସଚେତନତା ଶୋଭାଯାତ୍ରା କରାଯାଇଛି। ଧାମନଗର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ଥାନା ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଲୋକଙ୍କୁ ସଚେତନ କରାଇଥିଲେ। ଏସ୍‌ଆଇ ପ୍ରଦୀପ ନାୟକ, ରାଜେଶ ସେଠୀ, କୈଳାସ ଚନ୍ଦ୍ର ପରିଡ଼ା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ସୁରଥ ଚନ୍ଦ୍ର ସେଠୀ, ଅନିଲ ବାରିକ, ନିରାକାର ଧଳ, ମହେଶ୍ୱର ସ୍ୱାଇଁ, ହୃଦାନନ୍ଦ କର, ହେମେନ୍ଦ୍ର ମହାନ୍ତି, ମନୋଜ କୁମାର ଜେନା, ମନୋଜ ସିଂ, ବୀରେନ୍ଦ୍ର କୁମାର ଜେନା, ଏସ୍‌ଏଚ୍‌ଜିର ମହିଳା ପ୍ରମୁଖ ସାମିଲ ହୋଇଥିଲେ।

# ୧୦୮ ୟୁନିଟ୍ ରକ୍ତ ସଂଗ୍ରହ

କାମାକ୍ଷାନଗର,୧୫।୧୦(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ବ୍ଲକ ଦଶୀପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକ ସାମ୍ବାଦିକ ସଂଘର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ସଂଘ କଙ୍କଡାହାଡ଼ ବ୍ଲକର ସାମଗ୍ରିକ ବିକାଶ କ୍ଷେତ୍ରରେ କାମ କରୁଛି ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଭାତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ କଙ୍କଡାହାଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, ତହସିଲଦାର ଚିନ୍ମୟ ଦାସ ଯୋଗ ଦେଇଥିଲେ। ସଂଘ ସଭାପତି ରାଜେଶ କୁମାର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର, ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ, ସରପଞ୍ଚ ସୁଧୀର ପାଳ, କଙ୍କଡାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା, ମହାବିରୋଡ଼ ଥାନା ଅଧିକାରୀ ଅନାଦି ପଟାୟତ, ରାକେଶ ଦେହୁରୀ, ସଦାଶିବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଦଶୀପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ରକ୍ତଦାନ ଶିବିରରେ ମୋଟ୍ ୧୦୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ତାଳଚେର ଉପଖଣ୍ଡ ଚିକିତ୍ସାଳୟ ରକ୍ତ ଭଣ୍ଡାର କର୍ମଚାରୀ ଉପସ୍ଥିତ ରହି ରକ୍ତସଂଗ୍ରହ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଧାନ ଫସଲ ଉଜାଡ଼ିଲେ ହାତୀପଲ, ଚିନ୍ତାରେ ଚାଷୀ

ମାଧପୁର,୧୫।୧୦(ମନୋଜ ପ୍ରଧାନ)



ଆଠମଲ୍ଲିକ ବନଖଣ୍ଡ ଅଧୀନ ମାଧପୁର ବନାଞ୍ଚଳର କିଆକଟା ଓ ବାସୁଦେବପୁର ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଜଙ୍ଗଲୀ ହାତୀପଲ ଏକର ଏକର ଧାନ ଚାଷ ଦଳି ଚଟକି ନଷ୍ଟ କରିଦେଇଛନ୍ତି। ଫଳରେ ଅମଳ କରିବା ଆଶାରେ ଥିବା ଚାଷୀର ମେରୁଦଣ୍ଡ ଦୋହଲି ପଡ଼ିଛି। ସୂଚନାଯୋଗ୍ୟ, ଶନିବାର ବିଳମ୍ବିତ ରାତିରେ ପାଖାପାଖି ୧୩ରୁ ୧୫ଟି ଜଙ୍ଗୀ ହାତୀ ବାସୁଦେବପୁର, ବାରେଣି ଗ୍ରାମ ଦିଗକୁ ଆସି ନବିନ ଡ଼ାଙ୍ଗ, ଅନିରୁଦ୍ଧ ନାୟକ, ଦେବରାଜ ନାୟକ, ଅଭିମନ୍ୟୁ ନାୟକ, ନନ୍ଦିକିଶୋର ଗିରି, ଭୁବନ ପ୍ରଧାନ, ସଦାଶିବ ପାତ୍ର ପ୍ରମୁଖଙ୍କ ଆନୁମାନିକ ୧୫ ଏକର ଚାଷ ଜମି ନଷ୍ଟ କରିଥିଲେ। ଏହାସହିତ କିଆକଟା ପଞ୍ଚାୟତରେ ମଧ୍ୟ ହାତୀ ଫସଲ ନଷ୍ଟ କରିଥିବା ଜଣାଯାଇଛି। ଫରେଷ୍ଟର ଦିପ୍ତିରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରୁ ଗ୍ରାମଗୁଡିକରେ ଗଜସାଥୀଙ୍କୁ ନିୟୋଜିତ କରଯାଇଛି ଏବଂ ବିଭାଗ ତରଫରୁ ହାତୀପଲଙ୍କୁ ଘଉଡ଼ାଯାଇଛି ବୋଲି କହିବା ସହ କ୍ଷତିପୂରଣ ପାଇଁ ଅନଲାଇନରେ ଆବେଦନ କରିବାକୁ କହିଛନ୍ତି।

# ଗାୟତ୍ରୀ ଶକ୍ତିପୀଠରେ ନବରାତ୍ର

ଢେଙ୍କାନାଳ,୧୫।୧୦(ରତନ ନାୟାର)

ଢେଙ୍କାନାଳ କୈବଲ୍ୟ ବଜାରସ୍ଥିତ ମା' ଗାୟତ୍ରୀ ପୀଠଠାରେ ଚଳିତବର୍ଷ ଶାରଦୀୟ ନବରାତ୍ର ମହୋତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଶନିବାର ସଂଧ୍ୟାରେ ଗାୟତ୍ରୀ ପରିବାର ପକ୍ଷରୁ ସଂକଳ୍ପ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହିଦିନ ସକାଳ ୯ ଘଟିକା ସମୟରେ ଯଜ୍ଞ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ପୂର୍ଣ୍ଣାହୁତି ହେବ। ଏହାକୁ ବସନ୍ତ ମଞ୍ଜରୀ ମିଶ୍ର, ପଦ୍ମିନୀ ମିଶ୍ର, ସୁକାନ୍ତି ବେହେରା, ସୁବାସିନୀ ସାହୁ, ଗୋପୀନାଥ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଆନନ୍ଦ ଚନ୍ଦ୍ର ସ୍ୱାଇଁ ଓ ଭାରତୀ ମହାପାତ୍ର ପ୍ରମୁଖ ପରିଚାଳନା କରୁଛନ୍ତି।


ଗାୟତ୍ରୀ ଶକ୍ତିପୀଠରେ ନବରାତ୍ର ମହୋତ୍ସବ

# ସାଆନ୍ଦା ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳିତ

ପରଜଙ୍ଗ,୧୫।୧୦
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀ ମହୋତ୍ସବ ବେଶ ଧୁମଧାମରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ବିଦ୍ୟାଳୟଠାରେ ଆୟୋଜନ କରାଯାଇଥିବା ବେଳେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ମୁଖ୍ୟବକ୍ତା ଭାବେ ଭିକାରୀ ଚରଣ ରାଉତ, ବିଶିଷ୍ଟ ଅତିଥି ଜ୍ୟୋତି ଶଙ୍କର ସାହୁ ଓ ସମ୍ମାନିତ ବକ୍ତା ଭାବେ ପ୍ରଦ୍ୟୁମ୍ନ ଶତପଥିଙ୍କ ସହ ୮ଜଣ ଅତିଥି ଯୋଗ ଦେଇଥିଲେ। ଅତିଥିଗଣ ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାର ମୁଖ୍ୟ ଉଦ୍ୟକ୍ତା ଗଙ୍ଗାଧର ପଣ୍ଡା ଓ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପରେ ଅତିଥି ପରିଚୟ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା ।


ହୀରକ ଜୟନ୍ତୀ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ସଚେତନ ହୁଅନ୍ତୁ, ସାଇବର ଠକଙ୍କ ଠାରୁ ଦୂରରେ ରୁହନ୍ତୁ



ସାଇବର ସୁରକ୍ଷା ଅଭିଯାନର ଉଦ୍‌ଯାପନୀ ଦିବସରେ ଯୋଗଦେଇଥିବା ଅତିଥିମାନେ।

ଢେଙ୍କାନାଳ,୧୫।୧୦(ରତନ ନାୟାର)

## ସାଇବର ସୁରକ୍ଷା ଅଭିଯାନ ଉଦ୍‌ଯାପିତ

ଢେଙ୍କାନାଳ ଜିଲାରେ ପୋଲିସ ପ୍ରଶାସନ ପକ୍ଷରୁ ୨ ତାରିଖଠାରୁ ଅନୁଷ୍ଠିତ ହେଉଥିବା ସାଇବର ସୁରକ୍ଷା ଅଭିଯାନ ରବିବାର ସ୍ଥାନିୟ ମିନି ଷ୍ଟାଡିୟମଠାରେ ଉଦଯାପିତ ହୋଇଯାଇଛି । ଏହି ଅବସରରେ ଏକ ରାହାଗିରି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ରାଜ୍ୟ ରକାରଙ୍କ ଶକ୍ତି, ଏମ୍‌ଏସ୍‌ଏମ୍‌ଇ ଓ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ଲୋକମାନେ ସଚେତନ ହେବା ସହିତ ସାଇବର ଠକଙ୍କ ଠାରୁ ଦୂରରେ ରହି ସୁରକ୍ଷିତ ରହିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସୁଧିର କୁମାର ସାମଲ କହିଲେ ଯେ, ଏହି ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଲୋକମାନେ ନିଜର ଅର୍ଥ ଏବଂ ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷିତ ରଖିବା ସହ ସାଇବର ଠକଙ୍କ ଠାରୁ ମଧ୍ୟ ନିଜକୁ ସୁରକ୍ଷିତ ରଖିପାରିବେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌର ପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଜିଲାପାଳ ସରୋଜ କୁମାର ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲୀପ କୁମାର ବିଶ୍ୱାଳ, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ ଓ ଭବାନୀ ଶଙ୍କର ଉଦଗାତା, ସଦର ଏସ୍‌ଡିପିଓ ବିଭୁତି ଭୂଷଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଏଥିରେ ସହଯୋଗ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ମରାମତି କାର୍ଯ୍ୟ ପାଇଁ ଅକ୍ଟୋବର ୧୬ ତାରିଖ ଦିନ ରଘୁନାଥପୁର, ଶ୍ରୀରାମ ବଜାର, ବଙ୍ଗାଳି ସାହି ଅଞ୍ଚଳରେ ସକାଳ ୯ଟାରୁ ଅପରାହ୍ନ ୩ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର
Plot No.-1/A, Jayadev Vihar, Xavier Square, Bhubaneswar-13
Website: www.gkcmorc.org, Email:gkcmorc@gmail.com
ବିଜ୍ଞାପନ
No.RR-22:ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ୨୦୨୩ ନିମନ୍ତେ ଆବେଦନ ପତ୍ର ତା ୧୬।୧୦।୨୩ ରିଖରୁ ତା ୪।୧୧।୨୩ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ ।
ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର website- www.gkcmorc.orgରେ ଉପଲବ୍ଧ ।
ଇଚ୍ଛୁକ ପ୍ରାର୍ଥୀମାନେ ଏହି websiteକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ । କେବଳ online application ଗ୍ରହଣ କରାଯିବ ।
ସ୍ୱା./-
ମୁଖ୍ୟ କାର୍ଯ୍ୟନିର୍ବାହୀ
OIPR-03004/11/0004/2324

